ସମ୍ବାଦ

ତାରିଖ:୧୯.୦୯.୨୦୨୫

# ବିଆଇଆଇଟିଏମ୍ ଛାତ୍ରଛାତ୍ରୀଙ୍କ ଶିଳ୍ପ ସଂସ୍ଥା ପରିଦର୍ଶନ




ଚନ୍ଦ୍ରଶେଖରପୁର, ୧୮/୯(ଇମିସ): ବିଜୁ ପଟ୍ଟନାୟକ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଇନ୍‌ଫର୍ମେସନ୍ ଟେକ୍ନୋଲୋଜି ମ୍ୟାନେଜ୍‌ମେଣ୍ଟ ଷ୍ଟଡିଜ୍(ବିଆଇଆଇଟିଏମ୍)ର ଆଇଏମ୍‌ବିଏ ଛାତ୍ରଛାତ୍ରୀ ଆଜି ଶିଳ୍ପ ସଂସ୍ଥା ପରିଦର୍ଶନ କରିଛନ୍ତି। ଅଧ୍ୟାପକ ଅଞ୍ଜନ ଦାଶ ଓ ଅଧ୍ୟାପିକା ବିଯୁକ୍ତା ମହାରଣାଙ୍କ ତତ୍ତ୍ୱାବଧାନରେ ଛାତ୍ରଛାତ୍ରୀ ସୋକିନ୍ ଇଣ୍ଡଷ୍ଟ୍ରିଜ୍ ପରିଦର୍ଶନରେ ଯାଇ ଗଦି ନିର୍ମାଣ ପ୍ରକ୍ରିୟା, ଗୁଣବତ୍ତା ନିୟନ୍ତ୍ରଣ ପରି ବିଭିନ୍ନ ବିଷୟରେ ଅବଗତ ହୋଇଛନ୍ତି। ଗସ୍ତ ସମୟରେ ଛାତ୍ରଛାତ୍ରୀ ଆଇଏସ୍‌ଓ ମାନକ ସମ୍ପର୍କରେ ପଚାରି ବୁଝିବା ସହ ଗଦିର ଧୂଳି ପ୍ରତିରୋଧ, ଗବେଷଣା, ଅଟୋମେସନ, ଲିନ୍ ଲଜିଷ୍ଟିକ୍‌ସ, ରାସାୟନିକ ଇଞ୍ଜିନିୟରିଂ ସମ୍ପର୍କରେ ଅବଗତ ହୋଇଥିଲେ। ଶିଳ୍ପ ଓ ଶିକ୍ଷାନୁଷ୍ଠାନର ଏହି ସହଭାଗିତା ଦ୍ୱାରା ଛାତ୍ରଛାତ୍ରୀଙ୍କ ଅଭିଜ୍ଞତା ବୃଦ୍ଧି ପାଇବ ବୋଲି ବିଆଇଆଇଟିଏମ୍ କର୍ତ୍ତୃପକ୍ଷ କହିଛନ୍ତି।